# Akashvani, Sambalpur

# SAMBALPURI NEWS MORNING BULLETIN

## 25 June 2026 - 6.47- 6.52 am.

---

ଏସ୍‌ଆଇଆର        ଆଇ.ଆଣ୍ଡ୍.ପି.ଆର୍

ଭୋଟର୍ ତାଲିକାକେ ନିର୍ଭୁଲ୍ ଆଉ ସ୍ୱଚ୍ଛ କର୍‌ବାର୍ ଲାଗି ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ ଅଭିଯାନ୍ ଶେଷ୍ ହେବାର୍‌କେ ଆଉ ୪ ଦିନ୍ ବାକି ରହିଛେ । ରାଏଜେ ଏବ୍‌ତକ୍ ୯୯ ଦଶ୍‌ମିକ୍ ୯/୩ ପ୍ରତିଶତ୍ ଫର୍ମ ବଂଟା ସରିଛେ । ରାଜ୍ୟର୍ ୩ କୋଟି ୧୦ ଲାଖ୍ ୬୮ ହଜାର୍ ୮ ଶହ ୮୪ ଝନ୍‌କର୍ ଡିଜିଟାଇଜେସନ୍ କାମ୍ ଶେଷ୍ ହେଇଛେ । ଗଲାକାଏଲ୍ ସବୁ ନିର୍ବାଚନ୍ ମଣ୍ଡଳୀ ନ ବିଏଲ୍‌ଓ ଆଉ ବିଏଲ୍‌ଏ ମାନ୍‌କର୍ ସମନ୍ୱୟ ବୈଠକ୍ ହେଇଯାଇଛେ । ବାକି ଥିବା କାମ୍‌କେ ଆଏବା ୪ ଦିନ୍ ଭିତ୍‌ରେ ଶେଷ୍ କରାଯିବା ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟ ତରଫୁ ସୂଚ୍‌ନା ଦିଆଯାଇଛେ ।

ୟୁଥ୍ ପାର୍ଲାମେଂଟାରୀ ପୁରସ୍କାର୍ English Pool

ନୂଆଦିଲ୍ଲୀ ନ ଆଏଜ୍ ୩୬ ନମ୍ବର୍ ଜାତୀୟ ୟୁବ ସଂସଦ୍ ପ୍ରତିଯୋଗିତା ୨୦୨୫-୨୬ ର ପୁରସ୍କାର୍ ବିତରଣ୍ ସମାରୋହ ହେବା । ସମାରୋହଥି ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଯୋଗଦେଇକରି ଛାତ୍ରଛାତ୍ରୀ ଆଉ ବିଦ୍ୟାଳୟ ମାନ୍କୁ ପୁରସ୍କୃତ୍ କର୍ବେ । ସାରା ଦେଶେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ୍ର ୨୫ ଟା ଜାଗାର୍ ୨ ଶହ ଟା ବିଦ୍ୟାଳୟ ଭିତ୍ରେ ଇ ପ୍ରତିଯୋଗିତା ହେଇଥିଲା । ଇ ପ୍ରତିଯୋଗିତାଥି ଆଂଚଳିକ୍ ବିଜେତା ଭାବେ ବର୍ଗଡ଼୍ର ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟକେ ଭିଲ୍ ପୁରସ୍କୃତ୍ କରାଯିବା ।

ମନ୍ କି ବାତ୍ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍

ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ୧୩୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୬ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ଶିକ୍ଷାନୁଷ୍ଠାନ୍- ଅଗ୍ନିନିରାପତା ଆଇ ଆଣ୍ଡ୍ ପି.ଆର୍

ଛାତ୍ରଛାତ୍ରୀମାନ୍‌କର୍ ସୁରକ୍ଷାକେ ନଜର୍‌ଥି ରଖିକରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଓଏସ୍‌ଡିଏମ୍‌ଏ ରାଜ୍ୟର୍ ସବୁ ଶିକ୍ଷାନୁଷ୍ଠାନ୍, କୋଚିଂ ସେଂଟର୍ ଆଉ ଦକ୍ଷତା ବିକାଶ୍ କେନ୍ଦ୍ରମାନ୍‌କେ ଅଗ୍ନି ନିରାପତା ପ୍ରସ୍ତୁତିର୍ କଡ଼ା ସମୀକ୍ଷା ଆଉ ଅଡିଟ୍‌କେ ବାଧ୍ୟତାମୂଳକ୍ କରିଛେ । ଉତରପ୍ରଦେଶ୍‌ର ଲକ୍ଷ୍ନୌ ଠାନେ

ହେଇଥିବା ଅଗ୍ନିକାଣ୍ଡ ଘଟ୍‌ନା ଉତ୍‌ରୁ ଇ ନିର୍ଦ୍ଦେଶ୍ ଜାରି କରାଯାଇଛେ । ଆଉ ରାଜ୍ୟର୍ ସବୁ ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କୁ ୧୫ ଦିନ୍ ଭିତ୍‌ରେ କାର୍ଯ୍ୟାନୁଷ୍ଠାନ୍ ରିପୋର୍ଟ ଦାଖଲ୍ କର୍‌ବାର୍‌କେ କୁହାଯାଇଛେ । ନିର୍ଦ୍ଦେଶ୍ ଅନ୍‌ସାରେ ବ୍ୟାପକ୍ ଅଗ୍ନି ନିରାପତା ଅଡିଟ୍, ଏନ୍‌ଓସି ଯାଂଚ୍, ନିଆଁଲିଭା ଯନ୍ତ୍ରର୍ କାର୍ଯ୍ୟକ୍ଷମତା ଆଉ ଜରୁରୀକାଲୀନ୍ ବାହାରିବାର୍ ରାସ୍ତାର୍ ଯାଂଚ୍ କରାଯିବା । ଇତାର୍‌ସହେତେ ୩ ମାସିଆ ମକ୍‌ଡ୍ରିଲ୍ କରାଯିବାର୍ ସହେତେ ଆଉ ଫାୟାର୍ ସେଫ୍ଟି ୱାର୍ଡେନ୍ ଭିଲ୍ ନିଯୁକ୍ତ ହେବେ । ସୁରକ୍ଷା ବ୍ୟବସ୍ଥା ନାଇଁଥିଲେ ତୁରନ୍ତ୍ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଓସ୍‌ଡମା ପରିଚାଳନା ନିର୍ଦ୍ଦେଶକ୍ ରାଜେଶ୍ ପ୍ରଭାକର୍ ପାଟିଲ୍ କହିଛନ୍ ।

ପୁରୀ ରଥଯାତ୍ରା- ବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାଥି ଶ୍ରଦ୍ଧାଳୁମାନେ ଯେନ୍ତା ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଠିକ୍ ଭାବେ ଆସିକରି ଶ୍ରୀକ୍ଷେତ୍ର ନ ପୁହୁଁଚିପାର୍‌ବେ ସେଥିର୍‌ଲାଗି ରାଜ୍ୟ ପରିବହନ୍ ପ୍ରାଧିକରଣ୍ ଆୟୁକ୍ତ ଅମିତାଭ୍

ଠାକୁର୍‌ଙ୍କର୍ ଅଧ୍ୟକ୍ଷତାଥି଼ ଗୁଟେ ସମନ୍ୱୟ ବୈଠକ୍ ହେଇଯାଇଛେ । ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଆଉ ସୁନାବେଶ ଲାଗି ବସ୍ ମାନ୍‌କୁ ଅସ୍ଥାୟୀ ପର୍‌ମିଟ୍ ଦିଆଯିବା । ପୁରୀ ବହାରର୍ ରୁଟ୍‌ର କେନ୍‌ସି ଭିଲ୍ ମାଲିକ୍ ଇଥି଼ର୍‌ଲାଗି ଆବେଦନ୍ କରିପାର୍‌ବେ । ଇହାଦେ ପୁରୀକେ ୨ ଶହ ଟା ଘରୋଇ ବସ୍ ଚଲାଚଲ୍ କରୁଥି଼ବାର୍ ବେଲେ ରଥଯାତ୍ରା ସମିଆଥି଼ ଇତାକେ ଦୁଇଗୁନା କରାଯିବାର୍ ଲକ୍ଷ୍ୟ ରଖାଯାଇଛେ । ସେନ୍ତା ପୁରୀକେ ଯାଉଥି଼ବା ଓଏସ୍‌ଆର୍‌ଟିସି ଆଉ କ୍ଲୁଟ୍ ସର୍‌କାରୀ ବସ୍ ସଂଖ୍ୟା ଭିଲ୍ ଇ ସମିଆ ଭିତ୍‌ରେ ବଢ଼ାଯିବା ବଲି ବୈଠକ୍‌ନୁ ସୂଚ୍‌ନା ମିଲିଛେ ।

କେନ୍ଦୁପତ୍ର ଚିନ୍ତନ୍ ଶିବିର ଆଇ ଆଣ୍ଡ୍ ପି.ଆର୍

ଭୁବନେଶ୍ୱର୍ ଅରଣ୍ୟ ଭବନ୍ ଠାନେ କେନ୍ଦୁପତ୍ର ଚିନ୍ତନ୍ ଶିବିର୍ ଆୟୋଜିତ୍ ହେଇଯାଇଛେ । ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଭାସ୍କର୍ ଜ୍ୟୋତି ଶର୍ମା କାର୍ଯ୍ୟକ୍ରମ୍‌ଥି଼ ଯୋଗ୍ ଦେଇକରି କହିଛନ୍, ଆଏବା ଦିନେ କେନ୍ଦୁପତ୍ର ବାବଦ୍ କାର୍ଯ୍ୟକ୍ରମ୍‌କେ ଅଏତ୍‌କା ବର୍‌କସ୍ ଆଉ ପ୍ରଭାବ୍‌ଶାଳୀ

କର୍‌ବାର୍ ଲାଗି ବ୍ୟାପକ୍ ପ୍ରଶିକ୍ଷଣ୍ ଦିଆଯିବା । ଇତାର୍‌ସହେତେ ଦକ୍ଷତା ବିକାଶ୍ କାର୍ଯ୍ୟକ୍ରମ୍‌କେ ଭିଲ୍ ତୁର୍‌ତି କରାଯିବା ବଲି ଶ୍ରୀ ଶର୍ମା କହିଛନ୍ ।

ୟୁଥ୍ ପାର୍ଲାମେଂଟାରୀ ପୁରସ୍କାର୍ English Pool

ନୂଆଦିଲ୍ଲୀ ନ ଆଏଜ୍ ୩୬ ନମ୍ବର୍ ଜାତୀୟ ୟୁବ ସଂସଦ୍ ପ୍ରତିଯୋଗିତା ୨୦୨୫-୨୬ ର ପୁରସ୍କାର୍ ବିତରଣ୍ ସମାରୋହ ହେବା । ସମାରୋହଥି ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଯୋଗଦେଇକରି ଛାତ୍ରଛାତ୍ରୀ ଆଉ ବିଦ୍ୟାଳୟ ମାନ୍‌କୁ ପୁରସ୍କୃତ୍ କର୍‌ବେ । ସାରା ଦେଶେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ୍‌ର ୨୫ ଟା ଜାଗାର୍ ୨ ଶହ ଟା ବିଦ୍ୟାଳୟ ଭିତ୍‌ରେ ଇ ପ୍ରତିଯୋଗିତା ହେଇଥିଲା । ଇ ପ୍ରତିଯୋଗିତାଥି ଆଂଚଳିକ୍ ବିଜେତା ଭାବେ ବର୍‌ଗଡ଼୍‌ର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟକେ ଭିଲ୍ ପୁରସ୍କୃତ୍ କରାଯିବା ।

ଆନ୍ତଃରାଜ୍ୟ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା/ଆଇ ଆଣ୍ଡ୍ ପି.ଆର୍

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଗଲାକାଏଲ୍ଠାନୁ ୬୫ ନମ୍ବର୍ ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ୨୦୨୬ ମୁଲ୍ ହେଇଛେ । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଇତାକେ ଉଦ୍‌ଘାଟନ୍ କରିକରି ଓଡ଼ିଶାର୍ ଖେଲ୍ ଭିତିଭୂମିର୍ ପ୍ରଶଂସା କରିଥିଲେ ।

ଆଏବା ୨୮ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ପ୍ରତିଯୋଗିତାଥି ୨୭ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ନୁ ପାଖାପାଖି ୬ ଶହ ୩୦ ଝନ୍ ଖେଲାଲି ଭାଗ୍ ନେଇଛନ୍ । ଇଥି ମୋଟ୍ ୪୫ ଟା ବର୍ଗଥି ପ୍ରତିଯୋଗିତା ହେଉଛେ । କୃତି ପ୍ରତିଯୋଗୀମାନେ ଆଏବା ସେପ୍ଟେମ୍ବର୍ ମାସର୍ ୧୯ ତାରିଖ୍‌ନୁ ଅକ୍ଟୋବର୍ ୪ ତାରିଖ୍‌ତକ୍ ଜାପାନ୍ ନ ହେବାର୍‌କେ ଥିବା ଏସିଆନ୍ ଗେମ୍ସ -୨୦୨୬ ଥି ଭାଗ୍ ନେବାର୍ ସୁଯୋଗ ପାଏବେ ।

ପାଣିପାଗ                                        ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ରାଜ୍ୟର୍ ସବୁ ଇଲାକାକେ ଛୁଇଁଛେ ବଲି ପାଣିପାଗ୍ ବିଭାଗ୍ ତର୍ଫୁ ସୂଚ୍ନା ମିଲିଛେ । ଗଲା ୨୪ ଘଂଟା ଭିତ୍ରେ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ସାମାଏନ୍ ଧରଣ୍ର ବର୍ଷା ହେଇଛେ । ଆଏବା ୨୪ ଘଂଟା ଭିତ୍ରେ ନୂଆପଡ଼ା, କଲାହାଣ୍ଡି, ନବରଙ୍ଗ୍ପୁର୍, ରାୟଗଡ଼ା, କୋରାପୁଟ୍ ଆଉ ମାଲ୍କାନ୍ଗିରି ଜିଲ୍ଲା ନ ଧୁକାଗର୍ଦ୍ଦି ସାଙ୍ଗେ ବିଜ୍ଲି ମାରିକରି ଜବର୍ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।